# ତିନି ତୁଣ୍ଡରେ ଛେଳି କୁକୁର

୧୩/୧୨/୧୯୮୪

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗତ ଛଅବର୍ଷ ଶାସନକାଳ ମଧ୍ୟରେ ଅନେକ ସୂତ୍ରରେ ବେନିୟମ, ପ୍ରିୟପ୍ରୀତି ତୋଷଣ ତଥା ଦୁର୍ନୀତି କରିଛନ୍ତି ବୋଲି ଅଭିଯୋଗକରି ସେପରି ଏକ ବିସ୍ତୃତ ବିବରଣୀ କଲିକତାରୁ ପ୍ରକାଶିତ ଇଂରାଜୀ ପତ୍ରିକା 'ସଣ୍ଡେ'ର ଡିସେମ୍ବର ୮ ତାରିଖ ସଂସ୍କରଣରେ ବଡ଼ବଡ଼ ଖୋଲା ହୋଇ ପ୍ରକାଶିତ ହେବା ପରେ ଓଡ଼ିଶାର ସର୍ବାଧିକ ପ୍ରଚାରିତ ଦୈନିକ 'ସମାଜ'ରେ ତାହାର ଓଡ଼ିଆ ଅନୁବାଦ କୋଉ ଗତ କେତେ ଦିନ ହେବ ଧାରାବାହିକ ଭାବେ ପ୍ରକାଶ ପାଉଛି। ଏ ବିଷୟରେ ସିଧାସଳଖ ମନ୍ତବ୍ୟ ଦେବା ଏବଂ ସେ ମନ୍ତବ୍ୟକୁ ଏକ ପ୍ରଥମ ପୃଷ୍ଠାର ସମ୍ପାଦକୀୟ କରିବା ହୁଏତ ଅନେକଙ୍କୁ ଅଶୋଭନୀୟ ମନେହୋଇପାରେ। ଏବଂ ବ୍ୟକ୍ତିଗତ ଭାବେ ମୁଁ ମୁଖ୍ୟମନ୍ତ୍ରୀଙ୍କର ନିକଟ ସମ୍ପର୍କୀୟ ହୋଇଥିବାରୁ ମୋର ଅଭିର ଏ ସଂପାଦକୀୟକୁ ଅନେକ ହୁଏତ ଭୁଲ୍ ବୁଝିପାରନ୍ତି। ତଥାପି ଓଡ଼ିଶାର ସାଂପ୍ରତିକ ରାଜନୀତି ଓ ସାମ୍ବାଦିକତା ପରିପ୍ରେକ୍ଷୀରେ ଏ ପ୍ରକାର ମନ୍ତବ୍ୟର ଆବଶ୍ୟକତା ଅଛି ବୋଲି ମୁଁ ବିଶ୍ୱାସ କରୁଛି।

ଗତ ସପ୍ତାହରେ ପ୍ରକାଶିତ ଏହି ବିବରଣୀରେ ଉଲ୍ଲିଖିତ ଅଭିଯୋଗଗୁଡ଼ିକୁ ଏହା ପୂର୍ବରୁ ବହୁବାର ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକା ମାଧ୍ୟମରେ ପ୍ରକାଶିତ ହୋଇଅଛି। ତେଣୁ ତଥ୍ୟ କିମ୍ବା ବିଶ୍ଳେଷଣ ଦୃଷ୍ଟିରୁ ଏଥିରେ କୌଣସି ନୂତନତା ଥିଲାପରି ମୋର ମନେହୁଏ ନାହିଁ। ବିବରଣୀରେ ଆଣଯାଇଥିବା ଅଭିଯୋଗଗୁଡ଼ିକ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଦୁର୍ନୀତିଗ୍ରସ୍ତ। ସରକାରୀ ଏବଂ ଅନ୍ୟଲୋକଙ୍କ ଜମିକୁ ସରକାରୀ ବଳ ଓ ଛଳ ପ୍ରୟୋଗ କରି ସେ ଦଖଲ କରିଛନ୍ତି। ଦ୍ୱିତୀୟ ଅଭିଯୋଗ, ମୁଖ୍ୟମନ୍ତ୍ରୀ ନିଜର ନିକଟ ସମ୍ପର୍କୀୟ ବ୍ୟକ୍ତିମାନଙ୍କୁ ବିଶେଷ ସୁବିଧା ସୁଯୋଗ ଦେଇଛନ୍ତି। ଏବଂ ଶେଷରେ ଏହା ଫଳରେ ଆମେ ଛଅବର୍ଷର ଏକ କଳଙ୍କିତ ଶାସନ ଭୋଗ କରିଛୁ।

ମୁଖ୍ୟମନ୍ତ୍ରୀଙ୍କର ବେଆଇନଭାବେ ଜମି ଦଖଲ ବିଷୟରେ କୌଣସି ମନ୍ତବ୍ୟ ଦେବା ଉଚିତ ହେବନାହିଁ। କାରଣ ଏ ବିଷୟଟି ଏବେ ମଧ୍ୟ ନ୍ୟାୟାଳୟର ବିଚାରାଧୀନ। ତେବେ ମୁଖ୍ୟମନ୍ତ୍ରୀଙ୍କର [illegible] ଭବନ ନିର୍ମାଣ ସମ୍ପର୍କରେ ଏତିକି କୁହାଯାଇପାରେ ଯେ, ଅନ୍ୟାନ୍ୟ ସାଧାରଣ ନାଗରିକମାନଙ୍କ ପରି ତାଙ୍କର ମଧ୍ୟ ନିଜ ଜନ୍ମମାଟିରେ ଘର ତୋଳିବାର ଅଧିକାର ରହିଛି। ଯେଉଁମାନେ ଏହି ଘରକୁ ନେଇ ବିବ୍ରତ, ସେମାନଙ୍କୁ ବ୍ୟକ୍ତିଗତଭାବେ ମୁଁ ଏତିକି କହିଲେ ଯଥେଷ୍ଟ ହେବ ଯେ, ମୁଖ୍ୟମନ୍ତ୍ରୀ ଯୌତୁକ-ପ୍ରଥାରେ ବିଶ୍ୱାସ କରନ୍ତି ନାହିଁ। ଯୌତୁକ ସୂତ୍ରରେ ଯଦି ବି ସେ ଘରଟି ମୋତେ ଦିଅନ୍ତେ ତେବେ ବି ମୁଁ ତାହା ଗ୍ରହଣ କରନ୍ତି ନାହିଁ। ତେଣୁ ଜଣେ ସାମ୍ବାଦିକ ହିସାବରେ ମୋର ସବୁ ଓଡ଼ିଆଙ୍କୁ ଆହ୍ୱାନ — ପ୍ରକାଶିତ ଫଟୋ ଚିତ୍ର ଯଥେଷ୍ଟ ନୁହେଁ। ଚାଲନ୍ତୁ ସମସ୍ତେ ରାମେଶ୍ୱର ଯିବା। ଦେଖିବା, ସେ ଉଦ୍ୟାନ ଭବନର ଆକାର ପ୍ରକାର କ'ଣ। ଓଡ଼ିଆ କ'ଣ ଏତେ ଦରିଦ୍ର ହୋଇଗଲା ଯେ, ତା'ର ମୁଖ୍ୟମନ୍ତ୍ରୀ ଦୁଇ ବଖରା ଘର ତୋଳିବାକୁ ମଧ୍ୟ ସମର୍ଥ ନୁହଁନ୍ତି ? ଯେଉଁମାନେ ଏ ବିଷୟରେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନେ ଓଡ଼ିଶାର ଅନ୍ୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ନିଜ ଘରବାଡ଼ି ପ୍ରତି କେବେ ଭୁଲ୍‌ରେ ସୁଦ୍ଧା ଦୃଷ୍ଟି ଦେଇଛନ୍ତି କି ?

ଆଦିଲକ୍ଷ୍ମୀ ମୃତ୍ୟୁ ବିଷୟରେ ଗୋଟିଏ ନୂତନ ଅଭିଯୋଗ ଏହି ବିବରଣୀରେ ଆଣଯାଇଛି ଏବଂ ଏହି ଅଭିଯୋଗଟି କୁଆଡ଼େ ମାନ୍ୟବର ବିଧାନସଭା ସଦସ୍ୟ ଶ୍ରୀ ପଞ୍ଚାନନ ଆଣିଛନ୍ତି। ତାଙ୍କର ଯୁକ୍ତି ହେଲା, ମୁଖ୍ୟମନ୍ତ୍ରୀ ତନ୍ତ୍ରସାଧନାରେ ବିଶ୍ୱାସ କରନ୍ତି ଏବଂ ଏଥିପାଇଁ ଆବଶ୍ୟକ ବଳି ହିଁ ଆଦିଲକ୍ଷ୍ମୀ ହତ୍ୟାର କାରଣ। ଏହା ନିଶ୍ଚିତ ଭାବେ ଏକ ଗୁରୁତର ଅଭିଯୋଗ। ସତ୍ୟ ହୋଇଥିଲେ ସାଂଘାତିକ। କିନ୍ତୁ ଉକ୍ତ ପଞ୍ଚାନନ ସତ୍ୟାସତ୍ୟ ନବୁଝି ଦାୟିତ୍ୱହୀନ ଅଥଚ ରୋମାଞ୍ଚକର ଅଭିଯୋଗ ଆଣିବାରେ ସିଦ୍ଧହସ୍ତ ହେଲେଣି ବୋଲି ଆମର ଆଶଙ୍କା ହେଉଛି। ମୁଖ୍ୟମନ୍ତ୍ରୀଙ୍କର ସୁଇସ୍ ବ୍ୟାଙ୍କରେ ରକ୍ଷିତ ଥିବା ଧନ ପରିମାଣଠାରୁ ଆରମ୍ଭକରି ଆଦିଲକ୍ଷ୍ମୀର ହତ୍ୟା ଅଭିଯୋଗ ଏସବୁ କିଛି ଶ୍ରୀ ପଞ୍ଚାନନଙ୍କ ରୋମାଞ୍ଚକର ଅଭିଯୋଗର ଅନ୍ତର୍ଭୁକ୍ତ।

ଏକଦା ମୁଖ୍ୟମନ୍ତ୍ରୀଙ୍କର ଏକାନ୍ତ ବିଶ୍ୱସ୍ତ ଥିବା ଶ୍ରୀ ପଞ୍ଚାନନ ଏସବୁ ବିଷୟରେ କେବେ ଜାଣିବାକୁ ପାଇଲେ ? ଗତ ନିର୍ବାଚନରେ ଦଳୀୟ ପ୍ରାର୍ଥୀରୂପେ ଟିକେଟ୍ ନ ପାଇବା ପରେ ନା ପୂର୍ବରୁ ? ବହୁ ପୂର୍ବରୁ ଘଟିଥିବା ଏ ଘଟଣାଗୁଡ଼ିକ ଯଦି ସତ୍ୟ ତେବେ ଉକ୍ତ ପଞ୍ଚାନନ ତାହା ପ୍ରକାଶ ନ କରି ଏତେଦିନ ଯାଏ ଚୁପ୍ ରହିଥିଲେ କାହିଁକି ?

ସେହିପରି ମୁଖ୍ୟମନ୍ତ୍ରୀ ନିଜର ସଂପର୍କୀୟମାନଙ୍କୁ ବିଶେଷ ସୁବିଧା ସୁଯୋଗ ଦେଉଥିବା କଥା ଏହି ବିବରଣୀରେ ଉଲ୍ଲେଖ ଅଛି। ଏହି ବିବରଣୀରୁ ସଂପର୍କର ଏକ ନୂତନ ପରିଭାଷା ମୁଁ ଜାଣିବାକୁ ପାଇଛି। ଅନେକେ ହୁଏତ ଜାଣନ୍ତି ନାହିଁ ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ପିତାମାତାଙ୍କର ଏକମାତ୍ର ସନ୍ତାନ। ତାଙ୍କର ଅନ୍ୟ ଭାଇ ବା ଭଉଣୀ କେହି ନାହାନ୍ତି। ତେଣୁ ସିଧାସଳଖ ରକ୍ତ ସଂପର୍କୀୟ ବନ୍ଧୁ ଥିବା କଥା ପ୍ରଶ୍ନ ଉଠୁନାହିଁ। ଗଣିଗଣି ଓଡ଼ିଶାର ପଟ୍ଟନାୟକ, ମହାନ୍ତି ସାଜିଥିବା ବ୍ୟକ୍ତିମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କର ସଂପର୍କୀୟ ବୋଲି ପ୍ରତିପାଦିତ କରିବାର ମାନେ କିଛି ହୁଏ ନାହିଁ। ମୁଁ ଯେତେବେଳେ ବିଦେଶରେ ଥିଲି ପତ୍ରପତ୍ରିକାରୁ ଜାଣିବାକୁ ପାଇଥିଲି ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀମଣ୍ଡଳରେ ଏକାଧିକ ପଟ୍ଟନାୟକ ନାମଧେୟ ସଂପର୍କୀୟମାନଙ୍କୁ ସ୍ଥାନ ଦେଇଛନ୍ତି।

ଓଡ଼ିଶା ଫେରିବାର ଏତେଦିନ ପରେ ମଧ୍ୟ ସେ ସଂପର୍କ ସମ୍ବନ୍ଧରେ ମୁଁ ସନ୍ଦିହାନ। ସେପରି ଦେଖିବାକୁ ଗଲେ ଓଡ଼ିଶାରେ ସମସ୍ତେ ସମସ୍ତଙ୍କର ସଂପର୍କୀୟ ହେବେ। ମୁଖ୍ୟମନ୍ତ୍ରୀ ହିସାବରେ ମନ୍ତ୍ରୀମଣ୍ଡଳ ଗଢ଼ିବାର ରାଜନୈତିକ ଦାୟିତ୍ୱ ସଂପୂର୍ଣ୍ଣ ଭାବେ ତାଙ୍କ ନିଜର। ସେ ଯଦିବା ତାଙ୍କର ସଂପର୍କୀୟମାନଙ୍କୁ ରାଜନୈତିକ ବିଶ୍ୱସ୍ତତା ଦୃଷ୍ଟିରୁ ସ୍ଥାନ ଦେଲେ ସେ ବିଷୟରେ ସ୍ୱର ଉତ୍ତୋଳନ କରିବା ଯୁକ୍ତି ଯୁକ୍ତ କି ? ମୁଖ୍ୟମନ୍ତ୍ରୀଙ୍କ ଜଣେ ସଂପର୍କୀୟ ହିସାବରେ ମୁଁ ମଧ୍ୟ ବ୍ୟକ୍ତିଗତ ଭାବେ ଅଭିଯୋଗ ଚିଠାରୁ ବାଦ୍ ଯାଇନାହିଁ। ମୋ ସଂପର୍କରେ ଅଭିଯୋଗ ହେଲା ଯେ ମୋତେ ଜମିଦିଆଯାଇଛି, ଋଣ ଦିଆଯାଇଛି ଏବଂ ମୋ କାଗଜରେ ସରକାରୀ ଅନୁଗ୍ରହ ଦେଖାଇ ବିଜ୍ଞାପନ ଦିଆଯାଉଛି। ଏ ସଂପର୍କରେ ମୁଁ କେବଳ ଏତିକି କହିବାକୁ ଚାହେଁ, ଏଥିପାଇଁ ମୁଁ ଆଦୌ ଲଜ୍ଜା ବା ସଙ୍କୋଚ ବୋଧ କରୁନାହିଁ। ଏହା ସ୍ୱେଚ୍ଛା ବା ଜବରଦଖଲ ନୁହେଁ। ବହୁବର୍ଷପରେ ଆମ ରାଜ୍ୟରେ ଏକ ଉନ୍ନତ ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା କରିବାର ଆଶା ନେଇ ମୁଁ ଓଡ଼ିଶା ଫେରିଥିଲି ଏବଂ ଆଜି ଏ ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା ହେବାର ଏକ ବର୍ଷ ପରେ, ପ୍ରକାଶ କରିବାରେ ଦ୍ୱିଧା ନାହିଁ ଯେ, ଓଡ଼ିଶା ମୁଦ୍ରଣଶିଳ୍ପ ଏବଂ ପ୍ରକାଶନ କ୍ଷେତ୍ରରେ ନୂତନ ଅଭିମୁଖ୍ୟ ଏବଂ ପରିବର୍ତ୍ତନ ଆଣିବାରେ ମୁଁ ନିଶ୍ଚିତ ଭାବରେ ସଫଳ ହୋଇଛି। ଏଥିପାଇଁ ମୁଁ ଗର୍ବ ଅନୁଭବ କରୁଛି ଏବଂ ମୋର ଅଗଣିତ ପାଠକପାଠିକାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି। ପରଶ୍ରୀକାତର ଏବଂ ଅସୂୟା ପ୍ରଣୋଦିତ ସାମ୍ବାଦିକ ଏବଂ ସମାଲୋଚକମାନଙ୍କୁ କେବଳ ଏତିକି ସୂଚେଇ ଦେବାକୁ ଚାହେଁ ଯେ ଏହି ନୂତନ ଉଦ୍ୟମକୁ ଉତ୍ସାହିତ କରିବାପାଇଁ ଦୁଇପଦ ଲେଖିବାର ସୌଜନ୍ୟ ସେମାନେ ଶିଖିନାହାନ୍ତି। ମୋର ଶିଳ୍ପଟି ବିନା ଋଣରେ ଅଥବା ମୁକ୍ତ ଆକାଶରେ ପ୍ରତିଷ୍ଠା ହୋଇପାରିନଥାନ୍ତା। ଏତ ଆମ ଘର କଥା, କହିବା କାହାକୁ ?

ବାକି ରହିଲା ବିଜ୍ଞାପନ ଦେବା କଥା। ଅନ୍ୟାନ୍ୟ କାଗଜମାନଙ୍କପରି ମୋ କାଗଜକୁ ବିଜ୍ଞାପନ ଦିଆଯାଉଛି। ମୁଁ ଏ ସଂପର୍କରେ ପ୍ରଶ୍ନ ଉଠାଉଥିବା ସାମ୍ବାଦିକଙ୍କୁ ଆହ୍ୱାନ କରୁଛି, ଆସନ୍ତୁ ନୀତି ଏବଂ ଯୋଗ୍ୟତା ଦୃଷ୍ଟିରୁ ଓଡ଼ିଶାର କେଉଁ କାଗଜ ବିଜ୍ଞାପନ ପାଇଁ ଅଧିକ ଯୋଗ୍ୟ ସେ କଥା ବିଚାର କରିବା। କହିବାରେ ତିଳେମାତ୍ର ସଙ୍କୋଚ ନାହିଁ ଯେ, ମୁଖ୍ୟମନ୍ତ୍ରୀଙ୍କ ସହ ମୋର ଏହି 'ସଂପର୍କ' ପାଇଁ ଅନେକ ଯଥୋଚିତ ବିଜ୍ଞାପନରୁ ମଧ୍ୟ ଆମକୁ ବଞ୍ଚିତ କରାଯାଇଛି। ତେଣୁ ଏସବୁ ଅଭିଯୋଗ ସଂପର୍କରେ ଆମର ଶେଷ ବକ୍ତବ୍ୟ ହେଲା, ଗୋଟିଏ ମିଥ୍ୟା ଅଭିଯୋଗକୁ ବାରମ୍ବାର ଉପସ୍ଥାପିତ କରିବାଦ୍ୱାରା ତାହାକୁ 'ତିନି ତୁଣ୍ଡରେ ଛେଳି କୁକୁର' ନ୍ୟାୟରେ ସତ୍ୟ ବୋଲି ପ୍ରତିପାଦିତ କରାଯାଇନପାରେ। ଏ ପ୍ରକାର ଉଦ୍ୟମ ପୂର୍ବରୁ ହୋଇଅଛି ଏବଂ ଜନସାଧାରଣ ଏହାର ଉତ୍ତର ଦେଇଛନ୍ତି। ସରକାରଙ୍କର ସମାଲୋଚନା ହେଉ। ସବୁ ପ୍ରକାର ପ୍ରଶାସନିକ [illegible], ପ୍ରିୟପ୍ରୀତି ତୋଷଣ ତଥା ବେନିୟମ ଲୋକଲୋଚନକୁ ଆସୁ କିନ୍ତୁ ତାହା ସଂପୂର୍ଣ୍ଣ ଭାବେ କାଳ୍ପନିକ, ଉଦ୍ଦେଶ୍ୟ ପ୍ରଣୋଦିତ ଓ ବ୍ୟକ୍ତିଗତ ଆକ୍ଷେପମୂଳକ ନ ହେଉ। ବର୍ତ୍ତମାନର ସରକାରଙ୍କୁ ସମାଲୋଚନା କରିବାପାଇଁ ଅନେକ ଅବକାଶ ଏବଂ ଯୁକ୍ତି ରହିଛି। ସେଗୁଡ଼ିକ ଆମ ସାମ୍ବାଦିକ ବନ୍ଧୁଙ୍କ ଦୃଷ୍ଟି ଆକର୍ଷଣ କରୁ ଏବଂ ତାଙ୍କ ସମାଲୋଚନା ଗଠନମୂଳକ ହେଉ ଏହାହିଁ ଆମର ସହଯୋଗୀ ସାମ୍ବାଦିକ ଏବଂ ପ୍ରକାଶକ ବନ୍ଧୁଙ୍କୁ ଆହ୍ୱାନ।

**ସୌମ୍ୟରଞ୍ଜନ ପଟ୍ଟନାୟକ**